# କାଳୀ ପୂଜା

କବି ରଘୁନାଥ ଦାସ

ନାଚ ଶ୍ୟମା, ନାଚ ଦଶଭୁଜା

ବହୁକାଳ ପରେ ଆଜି ହୋଇଛି ପୂର୍ଣ୍ଣ ତୁମ ପୂଜା ।

ଦୃପ୍ତପଦେ ନାଚ ଆଜି ମୁକ୍ତକେଶେ ଉଲ୍ଲାସ ବିହ୍ୱଳେ;

ଉତ୍ସବର ଗୌରବରେ ଚଉପାଶେ ତୁମ ଲାଗି ଜଳେ

ଅନିର୍ବାଣ ଚିତା

ସଗହଣେ ବିଜେ କର ମେଦିନୀରେ ଆଗୋ ନିଃଶଙ୍କିତା ।

ଆଜି ଧରାତଳେ

ମୃତ୍ୟୁ- ମହାନାଟକର ଅଭିନୟ ହୁଏ କୋଳାହଳେ,

ତପ୍ତ ରୁଧିରର ବନ୍ୟା ପ୍ଲାବିଅଛି ସପ୍ତ ମହାଦେଶ,

ରାଜପଥେ ମୁର୍ଦ୍ଦାରର ଶୋଭାଯାତ୍ରା ଦୀର୍ଘ ଓ ଅଶେଷ;

କବନ୍ଧ କରୁଛି ନୃତ୍ୟ; ଗୃଧ୍ରକଣ୍ଠେ ଅଜସ୍ର ସଂଗୀତ;

ଶୃଗାଳର ଆସ୍ଫାଳନ: ‘ ବିଶ୍ୱଜୟୀ, ମୁହିଁ ଇନ୍ଦ୍ରଜିତ ।’

ହତ୍ୟା ଓ ମଢ଼କ

( ବିନାଶର ଅନ୍ତଃପୁରେ ପରିଣିତା ନାୟିକା ନାୟକ)

ରହିଛନ୍ତି ଯୁଗାନ୍ତବାସର

www.jataayu.org

# କାଳୀ ପୂଜା

କବି ରଘୁନାଥ ଦାସ

ଶ୍ମଶାନର ପଲଙ୍କରେ ବିଛିଦେଇ ପୁଷ୍ପ କଙ୍କାଳର!
ସର୍ବ ଉପଚାରେ ଆଜି ଅର୍ଘ୍ୟ ବଢ଼ା-
ହେ ଖଡ୍‌ଗଧାରୀଣୀ,
ଅବତରି ଆସ ଶ୍ୟାମା, ମୃତ୍ୟୁମୟି, ନୃମୁଣ୍ଡମାଳିନୀ ।

ହେ ଶିଳ୍ପୀ, ଏ କି କଲ ଅପସନ୍ଦ କଥା!
ମୃତ୍ତିକାରେ କିଆଁ ତୁମେ ଗଢୁଥିଲ ମଣିଷର ମଥା?
ଏ ଯୁଗର ଶ୍ୟାମା ପାଇଁ ଲୋଡ଼ା
ନୁହେଁ ଆଉ କାଳ୍ପନିକ ଅଳୀକ୍ ସେ ନୃମଣ୍ଡର ତୋଡ଼ା ।
ମାୟାପଟ  ଚିରି ବଂଧୁ ଥାପିଦିଅ ବିରାଟ ସତ୍ୟକୁ
ତୁଟି ଯାଉ ସବୁ ମୋହ, ଦେଖୁ ଥରେ ଦୁନିଆର ଚକ୍ଷୁ
ଆପଣାର ସଭ୍ୟ  ସମାଜକୁ
ଜନତା-କବନ୍ଧ ଲହୁ ଶୋଷି ଶୋଷି ପିଉଛି କିଭଳି
ତୃପ୍ତ ଉଲଗ୍ନ ଡ଼ାଙ୍କୁଣୀ, ଶତଧାରେ ସଦ୍ୟ କଣ୍ଠଭରି;
ତେବେ ବି ତା ମେଣ୍ଟୁନି ପିପାସା-
କାଳରୂପୀ ଏ ସମାଜ ତୋଳିଅଛି ନୀତି ସର୍ବନାଶା ।

www.jataayu.org

Powered by Tekons

# କାଳୀ ପୂଜା

କବି ରଘୁନାଥ ଦାସ

ପଥେ ପଥେ ଅନିର୍ବାର ଭୟଙ୍କର ହତ୍ୟା ଅଭିଯାନ,
ଚାଲେ ଟେକି ମୃତ୍ୟୁର ନିଶାଣ ।
କୋଟି କୋଟି ନର ଶିର ଅକାତରେ ହୁଏ ବଳିଦାନ,
ତହିଁରେ ମେଣ୍ଟିବ ଯେଣୁ ଜଣଙ୍କର ବୃଥା ଅଭିମାନ!
ବିନାଶର ପଥେ ତା'ର ଯାତ୍ରା ଏ ଯେ ଅମଙ୍ଗଳମୟୀ
ରୋକିବାକୁ ହେବ ତାକୁ
ନୋହିଲେଟି ନାଶ ଯିବ ମହା!

ତେଣୁ ଆହେ ଶିଳ୍ପକାର, ଜନନେତ୍ରେ ସତ୍ୟ ଦିଅ ଫେଡ଼ି
ଚଉଦିଗେ ଘନରୋଳ ବାଜୁଅଛି ମରଣର ଭେରୀ
ତାଜା ଲହୁ, ସଦ୍ୟ ମାଂସ ଶ୍ୟାମ ପାଇଁ ସାଜ ଉପଚାର;
ମଣିଷର ସଦ୍ୟ ଶିରେ ଗୁନ୍ଥିଦିଅ ଶ୍ୟାମ ଲାଗି ହାର ।
ଶିର ଆଉ ରକ୍ତ ପାଇଁ ପଡ଼ିଅଛି ଚୌଦିଗ ଡ଼ାକରା;
ଆବୃତ ତମିସ୍ର ମଧ୍ୟେ କାନ୍ଦେ ଶିଶୁ, ଯାତ୍ରୀ ଦିଗହରା,

ଆହେ ଶିଳ୍ପୀ, ଦିଗଦ୍ରଷ୍ଟା କହ କହ ଶିବର ସନ୍ଧାନ!
କେସନେ ରୋଧିବୁ କହ ରକ୍ତପଦ୍ମା ଦିଗନ୍ତ ପ୍ଲାବନ ।
କେସନେ ତୁଟାଇ ବ୍ୟାପ୍ତ ଅନ୍ଧାରର ଦୃପ୍ତ ମେଘନାଦ
ଏକ ଆନ, ଦେଶ ଦେଶ, ଜାତି ଧର୍ମ ବାଦ ବିସମ୍ବାଦ
ଗଢ଼ିବାର ହେବ ଏଥି ପ୍ରେମଦୀପ୍ତ କୋଣାର୍କ ମନ୍ଦିର
ଉଚ୍ଚାର ସେ ମନ୍ତ୍ର ବାରେ, ହେବା ଆଗୁଁ ଏ ବିଶ୍ବ ସ୍ଥବିର ।

www.jatayu.org

# କାଳୀ ପୂଜା

କବି ରଘୁନାଥ ଦାସ

(ଶଂଖ-୨ୟ ବର୍ଷ-୫ମ ସଂଖ୍ୟା-୧୯୪୬)

www.jataayu.org

Powered by Tekons